ମେଙ୍କି ଡାହାଣୀ

ଆନନ୍ଦ ଚନ୍ଦ୍ର ପହି

Digitized by srujanika@gmail.com

ମେଙ୍କୀ ଡାହାଣୀ

ଲେଖକ :

ଆନନ୍ଦ ଚନ୍ଦ୍ର ପଣ୍ଡା

ପ୍ରକାଶକ :

କୋଣାର୍କ ପବ୍ଲିଶର୍ସ

ବିନୋଦ ବିହାରୀ, କଟକ-୨

Digitized by srujanika@gmail.com

ଓମେଙ୍ଗୀ ଡାହାଣୀ

ଲେଖକ :

ଆନନ୍ଦ ଚନ୍ଦ୍ର ପଣ୍ଡା

ପ୍ରକାଶକ :

ଚନ୍ଦ୍ରଶେଖର ପାଣ୍ଡ

କୋଣାର୍କ ପବ୍ଲିଶର୍ସ

ବିନୋଦ ବିହାରୀ, କଟକ-୨

ପ୍ରଥମ ପ୍ରକାଶ : ୧୯୮୭

ମୁଦ୍ରକ :

କ୍ୱାଲିଟି କଂପୋଜର୍ସ

ବଡ଼ାନାସୀ, କଟକ

ମୂଲ୍ୟ—ଦୁଇଟଙ୍କା ଚାଳିଶ ପଇସା

Digitized by srujanika@gmail.com

ମେଙ୍କୀ ଡାହାଣୀ

ମେଙ୍କୀ ଗୁଡ଼ିଆଣୀ ଡାଆଣୀ, ଗୁହ୍ମଚରୀ । ମୁକୁନ୍ଦପୁର ଗାଆଁର ପିଲାଠୁ ବୁଢ଼ା ବୁଢ଼ୀ ସମସ୍ତେ କହନ୍ତି ମେଙ୍କୀ ଡାଆଣୀ । ପିଲା କାନ୍ଦିଲେ ତାକୁ ମାଆମାନେ ଡରାନ୍ତି—କାନ୍ଦନାରେ ପୁଅ ! ହେଇ ଦେଖୁନଉଁ ଅନ୍ଧାର ଭିତରେ ଛପି ଛପିକି ମେଙ୍କୀ ଡାଆଣୀ ଆସୁଚି । ତା ଆଖି ଦିଇଟା ଏହେଁ ଏହେଁ । ତା ଆଖିରୁ ନିଆଁ ବାହାରୁଚି । ତା ନାକର ନିଃଶ୍ୱାସରୁ ଘୁ ଘୁ ପବନ ବାହାରୁଚି । ଦାନ୍ତରେ ହାଡ଼ ଚୋବେଇ ଚୋବେଇ କଡ଼ ମଡ଼ କରି ଏଇ ଆଡ଼କୁ କେମିତି ଝପଟି ଆଉଚି ଦେଖୁନଉଁ ।

ମେଙ୍କୀ ଡାଆଣୀ ନାଆଁ ଶୁଣିଲେ ପିଲାମାନେ ଛାନିଆଁ ହୋଇ ଆଖି ବୁଜନ୍ତି । କାନ୍ଦ ବନ୍ଦ ହୋଇଯାଏ । ଘଡ଼ିକ ଭିତରେ ନିଦ ଯାଆନ୍ତି ମାଆ କୋଳରେ ।

ମାଆମାନେ ମେଙ୍କୀ ଡାଆଣୀର ଛାଇ ମଡ଼େଇ ଦିଅନ୍ତି ନାହିଁ ତାଙ୍କ ପିଲାମାନଙ୍କର । ଯଦି କୋଉ ପିଲା ଦିହରେ ତାତି ପୁରେଇଲା କି କାହାକୁ ବାନ୍ତି ହେଲା, ସମସ୍ତେ ଧରି ନିଅନ୍ତି ମେଙ୍କୀ ଡାଆଣୀର ନଜର ତା ଉପରେ ପଡ଼ିଚି । ସାଙ୍ଗେ ସାଙ୍ଗେ ଗୁଣିଆ ଡକାଯାଏ । କାଠ ପାଣିରେ ପିଲାକୁ ଗାଧୋଇ ଦିଆଯାଏ । ମନ୍ତୁରା ଲୁଣ ପିଲାକୁ ଚଟେଇ ଦିଆ-ଯାଏ । ତା ପରେ ଛାଆଁକୁ ଛାଆଁ ପିଲା ହାତ ଗୋଡ଼ ବାଡ଼େଇ ଖେଳେ, ଯାହା ଦେଲେ ତା ଖାଏ ।

Digitized by srujanika@gmail.com

ମେଙ୍କୀ ମୁକୁନ୍ଦପୁର ଗାଆଁର ସବୁଠୁ ପୁରୁଖା ମଣିଷ । ତା ସାଙ୍ଗର ମାଆଁ ଗୋଟାକରେ କେହି ଜଣେ ହେଲେ ନାହିଁ । କେବଳ ମଙ୍ଗଳା ଶାଳ ବର ଗଛଟା ତାଠୁ ବଡ଼ ବୋଲି ସିଏ କହେ । ମୁକୁନ୍ଦପୁର ଗାଁର ବୁଢ଼ା ବୁଢ଼ୀମାନେ କହନ୍ତି ମେଙ୍କୀକୁ ଛ' କୋଡ଼ି ବରଷରୁ ବେଶୀ ହବ ।

ସବୁଠୁ ଆଶ୍ଚର୍ଯ୍ୟ କଥା ଏ ଯାଏ ସିଏ ସିଧା ସିଧା ବାଟ ଚାଲୁଚି । ତା ଅଣ୍ଟା ମୋଟେ ନଇଁ ନାହିଁ । ମୁଢ଼ି ବୋଝ କାଖରେ ଧରି ପାଞ୍ଚ ଖଣ୍ଡ ଗାଆଁ ଫେରି କରୁଚି । କାଠ ହାଣୁଚି, କଅଁରୁ ପାଣି କାଢ଼ୁଛି, ବାଇଗଣ ଗଛ, ଲଙ୍କାଗଛ କୋଡ଼ୁଚି । ସିଏ ଚାଲିଲେ ତା ସାଙ୍ଗରେ ଯୁଆନ ମରଦଟେ ବି ଚାଲି ପାରିବେ ନାଇଁ ।

ମେଙ୍କୀକୁ ତା ପଛ କଥା ପଚାରିଲେ କିଛି କହେ ନାହିଁ । ଆଖିରୁ କେବଳ ଲୁହ ପୋଛେ । କପାଳରେ କର ମାରେ । ପଚାରୁଥିବା ଲୋକର ମୁହଁକୁ କଟମଟକ ଅନାଏଁ ।

ଏଇ କଟ ମଟ ଅନେଇବାରେ ପଚାରୁଥିବା ଲୋକ ଡରିଯାଏ । ଡାହାଣୀ କଞ୍ଚା ଖାଇଯିବା ଭୟରେ ତା ଆଗରୁ ପଳାଏ ।

ଗାଆଁର ବୁଢ଼ା ବୁଢ଼ୀ କହନ୍ତି ଏଇ ମେଙ୍କୀର ଗେରସ୍ତ ଥିଲା ଚନ୍ଦୁରି ସାହୁ । ପାଞ୍ଚ ହାତ ମରଦ । ଚନ୍ଦୁରୀର ପ୍ରଥମ ସ୍ତ୍ରୀ ହଇଜାରେ ଚାଲିଗଲା । ସେତେବେଳକୁ ଚନ୍ଦୁରିକ ପଚାଶ ବରଷ । ତା ପରେ ସିଏ ବାହା ହେଲା ଏଇ ମେଙ୍କୀକ । ମେଙ୍କୀ ବାପ ଘର ଗାଁ ଏଠିକ ଅନେକ ଦୂର । ମେଙ୍କୀର ମାଆ

Digitized by srujanika@gmail.com

ବାପ ନ ଥିଲେ । ତା ଭାଇ ଚନ୍ଦୁରଠୁଁ ପଇସା ନେଇ ମେଙ୍କୀକି ବିକିଦେଲା ।

ସେତେବେଳେ ମେଙ୍କୀକି ମୋଟେ ପନ୍ଦର ବରଷ । ମେଙ୍କୀ ଚନ୍ଦୁରୀ ସାଙ୍ଗରେ ପାଞ୍ଚଟା ବରଷ ସଂସାର କରିଚି କି ନାହିଁ ଚନ୍ଦୁର ନୁଖୁରା ସଳିତା ଭଳିଆ ଶୁଖିଗଲା । ଯେତେ ବଇଦ ଡାକ୍ତର ଦେଖାଇଲା, ଯେତେ ଔଷଧ ଖାଇଲା କୋଉଥିରେ କିଛି ହେଲା ନାହିଁ । ଚନ୍ଦୁର ଗୋଟେ ହାଡ଼ କଙ୍କାଳ ଭଳି ଦିଶିଲା । ବିଛଣାରେ ପଡ଼ି ପଡ଼ି ବରଷଟେ ଖୁବ୍ କଷ୍ଟ ପାଇଲା । ଦିନେ ଝଡ଼ ବରଷା ରାତିରେ ଚନ୍ଦୁର ଆଖି ବୁଜିଲା ।

ସାଇ ଭାଇ କେହି ଶବ ଉଠାଇବାକୁ ମଙ୍ଗିଲେ ନାହିଁ । ମେଙ୍କୀର କ'ଣ ଅଛି ଯିଏ ମାଲ ଭାଇଙ୍କୁ ଦେବ ? ଲୁଗା ପାଞ୍ଚ ହାତେ ମିଳିବ ନେଇଁ କି ଭଲ ଜଳଖିଆ ବିକିଟା ତ ମିଳିବ ନାହିଁ । ତା ଛଡ଼ା ଏ ଝଡ଼ ବରଷା ରାତି । କାଠ ବା କିଏ ବାରି ଘରୁ ବାହାର କରିବ ? ସମସ୍ତେ ସମସ୍ତଙ୍କ ମୁହଁକୁ ଚାହିଁଲେ କେହି ଅଣ୍ଟା ଭିଡ଼ି ବାହାରିଲେ ନାହିଁ ।

ମେଙ୍କୀ ଘର ଘରକୁ ବୁଲି କେତେ କାକୁତି ମିନତି ହେଲା । କେହି ଶୁଣିଲେ ନାହିଁ । ମେଙ୍କୀ ଆଗକୁ ପଛକୁ ଅନେଇଲା । ଭାର ବୋଲି କେହି ନାହିଁ । ଚନ୍ଦୁରୀର ଶବକୁ କାନ୍ଧରେ ପକେଇ ମଶାଣିକି ଚାଲିଲା । ରାତି ଅନ୍ଧାର । ମୁହଁକୁ ମୁହଁ ଦିଶୁ ନାହିଁ । ଝଡ଼ ବର୍ଷା । କେବଳ ବିଜୁଳି ଆଲୁଅ ଟିବେଳେ ବେଳେ ଚକ୍ ଚକ୍ କରି ମାରି ଦଉଚି । ମଶାଣିରେ ଗାତ ଖୋଳି ପୋତି ଦେଲା ଚନ୍ଦୁରିକୁ । ମାଟି ଚଟେଇ ଦେଇ

Digitized by srujanika@gmail.com

ପୋଖରୀରେ ଗାଧେଇ ପାଧେଇ ଘରେ ପହଞ୍ଚିଲା ବେଳକୁ ରାତି ପାହି ଆସିଲାଣି ।

—ଦୁଇ—

ବୁଢ଼ା ମଲା ବେଳକୁ ମେଙ୍କୀର ବୟସ ମୋଟେ କୋଡ଼ିଏ । ଚନ୍ଦୁରିର ଚାଷ ଜମି ମୋଟେ ନ ଥିଲା । ଘର ବାରି ଭିହ ଚାରିଣ୍ଟେ । ତା ଉପରେ ଚାଳ ଘର ଦି' ବଖରା । ମେଙ୍କୀ ଘର ଛାଡ଼ି ପଦାକୁ ବାହାରିଲା । ମୁଢ଼ି ବୋଝ କାଖେଇ ଗାଆଁ ଗାଆଁ ବୁଲି ମୁଢ଼ି ବିକିଲା ।

ମେଙ୍କୀର ମୁଢ଼ି ଭିଙ୍କି ପରି ବଡ଼ ବଡ଼ । ଖୁବ୍ ଭଲ ଲାଗେ ସେ ମୁଢ଼ି । ସେଥିପାଇଁ ମେଙ୍କି ମୁଢ଼ିକି ସମସ୍ତଙ୍କର ଆଦର । ବରଷ ପାଞ୍ଚଟାରେ ମେଙ୍କୀ ହାତରେ କିଛି ପଇସା ହେଇଗଲା । କଥାରେ କହନ୍ତି—ମୁଢ଼ି ବେପାରକୁ ଘୋଡ଼ା ବେପାର ପାରେ ନାହିଁ । ଗାଆଁ ଗହୀର ବିଲରୁ ମାଣେ ଚାଷ ଜମି କିଣିଲା ମେଙ୍କୀ ।

ମେଙ୍କୀ ବାପଘର ଗାଆଁରୁ ତାର ଲେଖା ଯୋଖାରେ ଗୋଟେ ପୁତୁରାକୁ ପୁଅ କରି ଆଣିଲା । ତାଅ ନାଆଁ ଥିଲା ସତୁରା । ସତୁରା ଆସିଲା ବେଳକୁ ତାକୁ କୁଆଡ଼େ ପନ୍ଦର ଷୋଳ ବରଷ ହେଇଥିଲା । ଠିକ ପାଞ୍ଚ ବରଷ ରହିବା ଦିନକୁ ଦିନ ଶୁଖିଗଲା । ଶୁଖି ଶୁଖି ସଳିତା ପରି ହେଇଗଲା । ଯେତେ ଡାକ୍ତର, ବଇଦ ଦେଖାଇଲା ମେଙ୍କୀ କିଛି କାମ ଦେଲା ନେଇଁ ।

ସତୁରା ଦିହରୁ ସବୁ ରକତ କିଏ ଯେମିତ ଶୋଷି ନେଇଚ, ସେମିତ ସେତା ଧଳା ଦିଶିଲା ତା ଦିହଟା । ଆଖି

Digitized by srujanika@gmail.com

ଗାଢ଼ ଗାଢ଼ ହୋଇଗଲା । ଦେହର ହାଡ଼ ସବୁ ଗଣି ହେଉ ହୁଣିଲା । ଲୋକେ କୁହାକୁହି ହେଲେ ମେଙ୍କୀଟା ଡାଆଣୀଟାଏ । ଚନ୍ଦ୍ରର ସାହୁକୁ ସିଏ ଶୋଷି ନେଲା । ତା ହାଡ଼ରୁ ରକତ ଶୋଷି ଖାଇଗଲା । ସତୁରୀ ବି ତାର ହାବୁଡ଼ରେ



ପଡ଼ିଚ । ରକତଯାକ ପିଇ ସାରିଲାଣି ତାଠୁ । ଆଉ ଗଣ୍ଡର ଛଅ ଦିନରେ ତାକୁ ବି ଖାଇଯିବ ।

ଯନ୍ତ୍ରଣାରେ ପଡ଼ି ପଡ଼ି ସତୁରୀ ଜୀବନ ଛାଡ଼ିଲା । ଶେଷ ପର୍ଯ୍ୟନ୍ତ ମେଙ୍କୀ ତା ଗୋଡ଼ ପାଖରେ ବସି ଆଉଁସି ଦେଉଥାଏ ।

ଏଥର ବି କେହି ଗଲେ ନାହିଁ ସତୁରୀ ଶବ ଉଠେଇବାକୁ । ସମସ୍ତଙ୍କର ଭୟ ହେଲା ଡାହାଣୀର ନଜର ପଡ଼ିଗଲେ ଆଉ ରକ୍ଷା ନାହିଁ । ଟିକେ ଚମକି ପଡ଼ିଲେ ଜ ଡରିଗଲେ ବେକ ମୋଡ଼ି ଖାଇଯିବ ମେଙ୍କୀ ଡାଆଣୀ ।

Digitized by srujanika@gmail.com

ସେଇ ଦିନଠୁ ମେଙ୍କୀଠୁଁ ମୁଢ଼ି କେହି କିଣିଲେ ନାହିଁ । ଗାଆଁ ଦାଣ୍ଡରେ ମେଙ୍କୀ ଗଲେ ଗାଁ ଯାକର ଦାଣ୍ଡ କବାଟ ଧଡ଼ ଧାଡ଼ ହୋଇ ବନ୍ଦ ହୋଇଗଲା । ଛୁଆ ପିଲାଙ୍କ ଉପରେ ନଜର ପଡ଼ିଯିବ ବୋଲି ଲୁଗା କାନିରେ ଘୋଡ଼େଇ ପକେଇଲେ ମାଆମାନେ । ଦାଣ୍ଡକୁ ବାହାରୁଥିବା ବଡ଼ ପିଲାଙ୍କ ମୁଣ୍ଡରେ ମାଈ ଗୋବର ମାରି ଦେହଟାକୁ ମାରି କରି ଦେଲେ । ଛାଞ୍ଚୁଣୀରୁ ଟିକେ ଛିଣ୍ଡେଇ ବେକରେ ବାନ୍ଧି ଦେଲେ ।

ମେଙ୍କୀ ଡାଆଣୀ କହି ପିଲାମାନେ ଚଡ଼ାଇଲା ବେଳେ ସିଏ ପ୍ରଥମେ ପ୍ରଥମେ ଘରେ କବାଟ କିଲି କାନ୍ଦିଲା । ସାଇ ମାଇପେ ଦେଖେଇ ଦେଖେଇ ଡାହାଣୀ ବୋଲି କହିଲେ । ତାଙ୍କ ସାଙ୍ଗରେ ଅଣ୍ଟାରେ ଲୁଗା ଭିଡ଼ି କଳି କଲା । ତା ପରେ ତା ମୁହଁରେ ସମସ୍ତେ ମେଙ୍କୀ ଡାହାଣୀ ବୋଲି କହିଲେ । କାହା ସାଙ୍ଗରେ କେତେ କଳି କରିବ । ଗାଆଁ ଯାକର ପିଲା, ବୁଢ଼ା, ମରଦ, ମାଇପ ସମସ୍ତେ କହିଲେ ମେଙ୍କୀ ଡାହାଣୀ । ପାଖ ଗାଆଁକୁ ବି କଥାଟା ମାଡ଼ିଗଲା । ମକୁନ୍ଦପୁର ଗାଆଁ ଆଉ ପାଖ ଆଖ ଗାଆଁର ଲୋକମାନେ ତାଠୁ ଆଉ କେହି ମୁଢ଼ି କିଣିଲେ ନାହିଁ ।

କିଛି ଦିନ ପର୍ଯ୍ୟନ୍ତ କିଛି କାମଧନ୍ଦା ନ କରି ମେଙ୍କୀ ଘର ଭିତରେ ରହିଲା । ମୋଟେ ପଦାକୁ ବାହାରିଲା ନାହିଁ । କିନ୍ତୁ ପଦାକୁ ବାହାରିଲେ ଖାଇବ କ'ଣ ? ସକାଳୁ ଉଠି ମୁଢ଼ି ପସରା ଧରି ଖୁବ୍ ଦୂର ଗାଆଁକୁ ବାହାରିଗଲା ମେଙ୍କୀ । ମୁଢ଼ୀ ବିକି କରି ଫେରୁ ଫେରୁ ରାତି ହେଇଯାଏ ।

Digitized by srujanika@gmail.com

ଆଜକୁ ଅନେକ ବର୍ଷ ହେଲାଣି ମେଙ୍ଗୀ ଘର ପାହାନ୍ତାରୁ ଉଠି ମୁଢ଼ୀ ଭାଜୁଛି । ଘର ଥାଉଁ ଥାଉଁ ମୁଢ଼ି ପସରା ଧରି ଗାଆଁରୁ ବାହାରି ଯାଉଛି । ଆସୁଛି ଘର ଘଡ଼ିଏ ଦି ଘଡ଼ିକୁ ।

—ତିନି—

ବୁଲା. ବୋଧିଆ, କାଠିଆ, ରତନା ଆଉ କଣ୍ଡୁରୀ ମଙ୍ଗଳାଶାଳ ବରଗଛ ପାଖେ ଖେଳୁ ଖେଳୁ ବୁଲା କହିଲା— ମେଙ୍ଗୀ ଏ ପଚିଶ ଖଣ୍ଡ ଗାଆଁର ଡାହାଣୀଙ୍କ ଭିତରେ ସରଦାର । ମୁଢ଼ି ବିକିବା ବାହାନାରେ ପ୍ରତିଦିନ ଯାଇ ଏ ପଚିଶ ଖଣ୍ଡ ଗାଆଁର ଡାହାଣୀଙ୍କ ସାଙ୍ଗରେ କଥାବର୍ତ୍ତା କରେ । ସେମାନଙ୍କ ଭଲ ମନ୍ଦ ବୁଝେ । ପ୍ରତିଦିନ ଖରାବେଳିଆ ଗୋଟେ ଆମ୍ବ ତୋଟାରେ ସେମାନଙ୍କର ସଭାହୁଏ । କାହା ଦେହରେ କେମିତି ନଜର ଗଲେଇ କାବୁ କରିବାକୁ ହେବ, ଦେହରୁ କେମିତି ରକତ ଶୋଷିବାକୁ ହେବ ସେ କଥା ଆଲୋଚନା ହୁଏ ।

ମୋ ଜେଜେ ବାପା ନନ୍ଦଁ କୁଆଡ଼େ ଦିନେ ମାଲ ହାଟକୁ ଯାଉଥିଲେ । ଚକଚକିଆ ଖରାବେଳ ହୋଇଥାଏ । କହ୍ନପୁର ଆମ୍ବ ତୋଟା ପଡ଼ିଲା । ସେ ଆମ୍ବ ତୋଟାର ଲମ୍ବ ଦି' ମାଇଲ୍ ଓସାର ଦେଢ଼ ମାଇଲ । ଝିଙ୍କାରିଙ୍କ ଝି ଝି ଶବ୍ଦରେ କାନ ଫାଟି ପଡ଼ୁଥାଏ । ସେଇ ତୋଟା ମଝିଏ ମଝିଏ ମାଲ ହାଟକୁ ବାଟ ।

ବାଟ ଯାକ ଶୁଖିଲା ଆମ୍ବ ପତ୍ର ଆଉ ଶୁଖିଲା ଆମ୍ବ-ଡାଳ ପଡ଼ିଥାଏ । ଆମ୍ବ ପତ୍ର ଉପରେ କି ଡାଳ ଉପରେ ପାଦ ପଡ଼ିଗଲେ ମଡ଼ ମଡ଼ ଶବଦ ହଉଥାଏ । ଛାତି ଉଲୁସେଇ

Digitized by srujanika@gmail.com

ଢଉଥାଏ । ମୋ ଜେଜେ କିନ୍ତୁ ମୋଟେ ଡରିବା ଲୋକ ନହନ୍ତି । ଏଇ ବାଟଟା ତାଙ୍କ ପାଇଁ ମୋଟେ ନୂଆ ନୁହଁ । ସିଏ ହଜାରେ ଥର ଏଇ ବାଟେ ହାଟକୁ ଯାଇଛନ୍ତି ।

ହଠାତ୍ ଫଡ଼୍ ଫଡ଼୍ ହେଇ କ'ଣ ଗୋଟେ ଉଡ଼ିଗଲା । ଜେଜେ ଚମକି ପଡ଼ିଲେ । ଅନେଇଲେ ଗଛର ଆଡ଼କୁ । କୁଆଡ଼େ କିଛି ନାହିଁ । ପୁଣି ସେ ପାହୁଣ୍ଡ ଯାଇଛନ୍ତି ଖାଲି ଖିଲଖିଲିଆ ହସ ଶୁଭିଲା । ଜେଜେ ପୁଣି ଠିଆ ହେଇ କାନେଇଲେ । ହଁ ଇମିତି ମଣିଷମାନଙ୍କ ହସ । ମାଇପିଙ୍କ ହସ । ହସଟା ଲହରେଇ ଲହରେଇ ଶୁଭିଲା । ସେ ହସ ଭିତରୁ ଗୋଟେ ହସ ମୋ ଜେଜେଙ୍କୁ ଚିହ୍ନା ଚିହ୍ନା ଲାଗିଲା । ସିଏ ଠିଆ

ହେଇ ମନେ ପକେଇଲେ । ହଁ, ମନେ ପଡ଼ିଲା । ଏଇଟା ମେଙ୍କୀ ଡାହାଣୀର ହସ ।

Digitized by srujanika@gmail.com

କେକେ ଆଗକୁ ନ ଯାଇ ସେଇଠି ଠିଆ ହେଲେ । ଆଗକୁ ଗଲେ ଡାହାଣୀ ଭୟ, ପଛକୁ ଗଲେ ଡାହାଣୀ ଭୟ । କ'ଣ କରିବେ କ'ଣ କରିବେ ହେଉଚନ୍ତି ତୋଟା ଶେଷ ଆଡ଼କୁ ବଗପକ୍ଷୀ ମିତଆ କ'ଣ ଧଳା ଧଳା ଦଳଟେ ଚାଲିଗଲେ । ଧଳା ଲୁଗା ପିନ୍ଧା ମାଇପି ଦଳଟେ ହବ କି କ'ଣ । ଏତେ ଦୂରରୁ ମୋ କେକେଙ୍କ ଅନ୍ଦାଜ ପାଇଲା ନେଇଁ ।

ମୋ କେକେ ସେମିତ ଅନେଇ ଥାଆନ୍ତି । ସେ ଦଳଟାଯାକ ଆମ୍ବ ତୋଟା ପାର ହୋଇଗଲେ । କେକେ ଏଥର ଏକଡ଼ ସେକଡ଼ ଚାହିଁଲେ ଆଉ କେହି କୁଆଡ଼େ ନାହିଁ । ଦଉଡ଼ି ଦଉଡ଼ି ଆମ୍ବ ତୋଟା ପାର ହେଇଗଲେ ।

ଯେମିତ ଆମ୍ବ ତୋଟା ପାର ହେଇ ଯାଇଚନ୍ତି ପୁଣି ମୋ କେକେ ଦମ୍‌କି ଗୋଡ଼ କଳି ଠିଆ ହୋଇଗଲେ । ଆଗରୁ ଆଉଚ ମେଙ୍କୀ ଡାହାଣୀ । ପିନ୍ଧିଚ ଧଳା ଲୁଗା । କାଖରେ ମୁଢ଼ି ପସରା । ବାଟ ଓଗାଳି ଠିଆ ହେଲେ ମୋ କେକେ । ଟିକେ ହେଲେ ଘଞ୍ଚିଲେ ନେଇଁ । ମେଙ୍କୀ ଡାହାଣୀ ଛାମୁଆଁ ଆଖିକୁ ଆଖି ପଡ଼ିଥିଲେ କିଛି କରି ପାରିବ ନାହିଁ । ଯେମିତ ବାଘ ଆଖିରେ ଆଖି ମିଶେଇ ଅନେଇଥିଲା ପର୍ଯ୍ୟନ୍ତ ହିଏ ମଣିଷକୁ ଖାଏ ନାହିଁ । ମେଙ୍କୀ ଗାଁରେଡ଼େଇକି ମୋ କେକେଙ୍କ ଅନେଇଲା । ମୋ କେକେ ବି ସେମିତ ତାକୁ ଅନେଇ ରହିଲେ ।

ତା ପରେ ସିଏ ବାଟ ଛାଡ଼ି ବି ଚାଲିଗଲା । ସେଦିନ ଯାଏ ମୋ କେକେ ଟିକିଏ ରହି ଏକଡ଼ ସେକଡ଼ କରି ଦେଇ-

Digitized by srujanika@gmail.com

ଥାଆନ୍ତେ କ ଭୟରେ ଆଖି ପିଞ୍ଜରା ପକେଇ ଦେଇ ଥାଆନ୍ତେ, ତା ହେଲେ ସେଇଠି କଥା ସାରିଥିଲା ଜାଣ । ମେଙ୍କୀ ଡାହାଣୀ ମୋ ଜେଜେଙ୍କ ବେକ ମୋଡ଼ି ରକତ ଶୋଷି ସେଇଠି ଖାଇ ଦେଇଥାଆନ୍ତା ।

କାଠିଆ କହିଲା—ମୋ ବାପା କହୁଥିଲେ ମେଙ୍କୀ କୁଆଡ଼େ ଥରେ ମାଲ ହାଟ ଯାଇଥିଲା ତା' ପାଇଁ କ'ଣ ଗୋଟେ ଲୁଗା କିଣିବାକୁ । ମାଲ ହାଟରେ ତାକୁ ତ କେହି ଚିହ୍ନି ନାହାଁନ୍ତି । ହାଟ ଭିତରେ ପଶିବାକୁ କେହି ମନା କଲେ ନାହିଁ । ନଈ ବନ୍ଧ କଡ଼ରେ ତ ହାଟ । ହାଟ ବସୁଚ ଗୋଟେ ଛୋଟ ଆମ୍ବ ତୋଟାରେ ।

ନଈ ବନ୍ଧେ ବନ୍ଧେ ମେଙ୍କୀ ଡ଼ାଆଣୀ ଗଲା । ହାଟ ମଝି ବଡ଼ ଆମ୍ବ ମୂଳରେ ପାଟ ପୁରର ମଧୁ ସାହୁର ଦୋକାନ । ସେଇଟା ହାଟ ଭିତରେ ସବୁଠୁ ବଡ଼ ଲୁଗା ଦୋକାନ । ସେଇ ଦୋକାନ ପାଖରେ ଯାଇ ମେଙ୍କୀ ଠିଆ ହେଲା । ହାଟଯାକ ଧାଡ଼ି ଧାଡ଼ିକା ନଡ଼ା ଛପର ଘର । ମଧୁ ସାହୁ ଦୋକାନ ଚାଳରୁ ଗୋଟେ କୁଟା ଟାଣି ଆଣିଲା ମେଙ୍କୀ । ତା ଗୋଡ଼ ପାଖରୁ ମଧୁ ସାହୁ ଗୋଡ଼ ପର୍ଯ୍ୟନ୍ତ ଲମ୍ୱେଇ ଦେଲା କୁଟାଟାକୁ । ମଧୁଆ ମୁହଁକୁ ମେଙ୍କୀ ମୁହଁ ସାମ୍ନା ସାମିନ । ମଧୁଆଟା ଗୋରା ତକ ତକ ସୁନ୍ଦରିଆ ଟୋକାଟା । ସେଇ ବରଷ ବାହା ହେଇଥାଏ । କୁଟା ଲଗେଇ ମଧୁଆଠଉଁ ରକତ ଶୋଷିଲା ।

ଅଧ ଘଣ୍ଟାକ ଭିତରେ ମଧୁଆ ସେଠା ପଡ଼ିଗଲା । ଆଉ ଟିକେ ଯାଇଥିଲେ ମଧୁଆ ଯମ ପୁରକୁ ଯାଇ ଥାଆନ୍ତା ।

Digitized by srujanika@gmail.com

ମଧୂଆ ଭାଗ୍ୟକୁ ବେଲମାଳଆର ଗୁଣିଆଁ ନକଢ଼ ସେ ଦିନ ହାଟକୁ ଯାଇଥିଲା । ତା ନଜରରେ ପଡ଼ିଗଲା କୁଟାଟା ରକତ ଶୋଷୁଚି । ଅନେଇ ଦେଲା ମେଙ୍କୀ ଡାହାଣୀ ଠିଆ ହେଉଚି । ତା ଗୋଡ଼ଠୁ ମଧୁ ସାହୁ ଗୋଡ଼ ଯାକ କୁଟାଟା ଲାଗିଚି ।

ପାଖ ଆଖ ପଚାଶ ଖଣ୍ଡ ଗାଆଁର ଡାହାଣୀ, ଚଉଗୁଣୀଙ୍କ ହିସାବ ନକଢ଼ର ଜିଭ ଆଗରେ । ନକଢ଼ ଉପରେ ଯେମିତି ମେଙ୍କୀର ନଜର ପଡ଼ିଚି ହାଟକୁ ଦି ଭାଗ କରି ଦଉଡ଼ିକି ପଳେଇଲା । ରହ ରହ କହି ନକଢ଼ ଗୁଣିଆ ତା ପଛେ ପଛେ ଗୋଡ଼ାଇଲା । ଆଖି ପଛୁଲାକେ ମେଙ୍କୀ ଉଧୁଳିକି ପଳେଇଲା । କେହି ତା ପତ୍ତା ପାଇଲେ ନଇଁ ।

ନକଢ଼ ଆସି ମଧୁ ସାହୁଙ୍କ ଝଡ଼ା ଫୁଙ୍କା କଲା । କେତେବେଳକେ ତା ହୋସ୍ ଫେରିଲା । ହୋସ୍ ଫେରିଲେ କ'ଣ ହବ ? ଆଉ ଦିଏ ଠିଆ ହୋଇ ପାରିଲା ନାହିଁ । ଠିଆ ହବ କେମିତି ? ଏତେ ରକତ ଶୋଷି ନେଲା ବଳ ପାଇବ କୋଉଠୁ ? ସାଙ୍ଗେ ସାଙ୍ଗେ ତାକୁ ଡାକ୍ତରଖାନାକୁ ନିଆଗଲା ।

ସେଇ ଦିନଠୁ ମଧୂଆ ଶୁଖି ଶୁଖି ଡାଙ୍ଗ ହୋଇଗଲା । ଯେତେ ଡାକ୍ତର ବଇଦ ଦେଖାଇଲେ କିଛି ଫଳ ହେଲା ନାହିଁ । ବରଷ ଗୋଟାକରେ ମଧୁ ସାହୁ ମରିଗଲା । ମେଙ୍କୀ ହାବୁଡ଼ରେ ଯିଏ ପଡ଼ିଚି ସିଏ ଆଉ ବର୍ତ୍ତି ନାହିଁ ।

—ଗୃଉ—

ତା ପର ଦିନ ଠିକ୍ ସେତିକି ବେଳେ ପୁଣି ଏକାଠି ହେଲେ ପାଞ୍ଚ ସାଙ୍ଗ । କସ୍ତୁରୀ କହିଲା—ଭୁଲା ସିନା

Digitized by srujanika@gmail.com

ଜେଜେଙ୍କଠଉଁ ଶୁଣିଚ ଆଉ କାଠିଆ ସିନା ବାପାଙ୍କଠଉଁ ଶୁଣିଚ, ମୁଁ ମୋ ନିଜ ଆଖିରେ ଦେଖିଚ । ଆମ ଘରକୁ ମୋ ପିଇସା ପୁଅ ନଖିଆ ଗଲାସନ ଆଇଥିଲା । ମୁଁ ତା ଆଗରେ ମେଙ୍କୀ କଥା କହିଲି । ସିଏ ମୋଟେ ମୋ କଥା ବିଶ୍ୱାସ ଗଲା ନେଇଁ ।

ମୁଁ କହିଲି ଚାଲ ତତେ ଆଖିରେ ଦେଖେଇ ଦେବି । ସେଦିନ ଆମେମିସିଆ ହେଇଥାଏ । ଅନ୍ଧାର ମୁହଁକୁ ମୁହଁ ଦିଶୁ ନ ଥାଏ । ଆମର ଯେମିତି ସମତେ ଖାଇ ପିଇ ଶୋଇଲେ ମୁଁ ନଖିଆକୁ ଡାକିଲି । ଗୋଡ଼ ଚପି ଚପି ଦିହେଁଯାକ ଘରୁ ବାହାରି ଆଇଲୁ । କିଛି ସମୟ ଆମକୁ ଦିଶିଲା ନାହିଁ । ଚାରିଆଡ଼ ଖାଲି ଅନ୍ଧାର ଆଉ ଅନ୍ଧାର ।

ନଖିଆ କହିଲା ଆମେ ଆଲୁଅରେ ଥିଲେ ବୋଲି କିଛି ଦିଶୁ ନେଇଁ । ରହ ଟିକେ ଠିଆ ହ । ସବୁ ମନକୁ ମନ ଦିଶିବ । ସତକୁ ସତ ଅନ୍ଧାର ବି ଗୋଟେ ଆଲୁଅ । ସବୁ ଦିଶିଲା ସେଇ ଅନ୍ଧାର ଭିତରେ ।

ମୁଁ ତାକୁ ମେଙ୍କୀ ଡାହାଣୀ ଘର ଆଡ଼କୁ ଟାଣି ନେଲି । ତା'ଘର ଦୁଆର ମୁହଁରେ ଆମେ ଆସି ଠିଆ ହେଲୁ କାନେଇଲୁ କିଛି ସୋର ଶବଦ ଶୁଭିଲା ନାହିଁ । ଡର ମାଡୁ-ଥାଏ ଭାରି । ମୁଁ ହାତରେ ଖଣ୍ଡେ ଲୁହା ଧରିଥାଏ । ହାତରେ ଲୁହା ଥିଲେ ଡାହାଣୀ କିଛି କରିପାରେ ନାହିଁ । କ'ଣ ଗୋଟେ ଫଡ଼କିନା ଉଡ଼ିଗଲା । ଡରରେ ନଖିଆ ମୋତେ କୁଣ୍ଢେଇ ପକେଇଲା ।

Digitized by srujanika@gmail.com

କେତେବେଳେ ନଖିଆ ହାତକୁ ମୋ ଦେହରୁ ଛଡ଼େଇଲି । ମେଙ୍କୀର ପିଣ୍ଡା ଉପରକୁ ଉଠିଲୁ । ଛାତି ଖାଲି ଉଠୁଥାଏ ପଡ଼ୁଥାଏ । ତା’ କବାଟ ଫାଙ୍କରେ ଘର ଭିତରକୁ ଅନେଇଲୁ । ଝରକା ମେଲା ଅଛି । ଘର ଭିତରେ କେହି ନ ଥିବା ପରି ଖାଲି ଖାଲି ଲାଗିଲା । ମୁଁ ନଖିଆ କାନରେ କହିଲି—ଦେଖିଲୁ ତ ମେଙ୍କୀ ଡାହାଣୀ ତା’ ଘରେ ନାହିଁ । ଏତେ ରାତିରେ ସିଏ ଆଉ ଗଲା କୁଆଡ଼େ । ନିଶ୍ଚେ ଯାଇଚି ଘୁଅ ଚରିବାକୁ ।

ସେଇଠୁ ଆମେ ଦହେଁ ଚାଲିଲୁ ଆମ ଗାଆଁ ତଳ ଘୁଅ ପଡ଼ିଆକୁ । ଗାଆଁ ଯେମିତି ପାରି ହେଇଚୁ ନଖିଆ ପାଟି କଲା—କଣ୍ଡୁରୀ ଭାଇ ! ଦେଖିନ ସେଇ ଦୂରରେ ଗୋଟେ ଆଲୁଅ ଜଳି ଉଠିକି ପୁଣି ଲିଭିଯାଉଚି । ଆମେ ସେଇଠି ଠିଆ ହୋଇ ଅନେଇଲୁ । ସତେ ତ ଗୋଟେ ମଶାଲ ଆଲୁଅ ନେଖେ ଦିଶୁଉଚି । ଜଳି ଉଠଚି ପୁଣି ଲିଭି ଯାଉଚି ।

ମୁଁ ଶୁଣିଥିଲି ଘୁଅ ଚରି ଡାଆଣୀମାନେ ଲୁଗାକୁ ଘୁଅ ପଡ଼ିଆରେ ଥୋଇ ଦେଇ ମୁଣ୍ଡ ତଳକୁ ଗୋଡ଼ ଉପରକୁ କରି ହାତରେ ଚାଲି ଚାଲି ଘୁଅ ଚରନ୍ତି । ମୁଁ କହିଲି ନଖିଆ ! ଚାଲି ଯିବା ତ ଲୁଗାଟା କେଉଁଠି ଥୋଉଥିବ ନେଇକି ପଳେଇ ଆସିବା । ସିଏ ଲୁଗା ପାଇଲେ ସିନା ଆଉ ପିନ୍ଧିକି ଘରକୁ ଆସିବ ? ନ ହେଲେ ଆଉ ମୋଟେ ଘରକୁ ଆସି ପାରିବ ନାହିଁ । ରାତିଯାକ ସେମିତି ଲଙ୍ଗଳା ହେଇ ଏଣେ ତେଣେ ବୁଲିବ । ସକାଳ ହେଲେ ହାଡ଼ ଖଣ୍ଡେ ପାଲଟି ଯିବ ।

ମୋ କଥା ନଖିଆ ମନକୁ ଭାରି ପାଇଲା । ଆମେ ଘୁଅ ପଡ଼ିଆ ଆଡ଼କୁ ଆଗେଇଲୁ । ପଡ଼ିଆରେ ପହଞ୍ଚିଲୁ ।

Digitized by srujanika@gmail.com

କ'ଣ ଗୋଟେ ଚେଁ ଚେ ଶବଦ ଶୁଭିଲା । ନଖିଆ କହିଲା ଏଇଟା ବୋଧେ ଘୁଅ ଚଲ ଘୁଅ ଶବଦ । ମୁଁ କଇଲି—ହଁ ହେଇଥିବ ।

ଆମେ ଆଗକୁ ଗଲେ ହାତ ଦୂରରେ ଗୋଟେ ଆମ୍ବ ଗଛ ଥିଲା । ସେଇ ଗଛ ମୂଳରେ ଧଳା ଲୁଗା ମିଡ଼ିଆ କ'ଣ ଗୋଟେ ଦିଶିଲା । ମୁଁ କଇଲି—ନଖିଆ, ସେଇଟା ମେଙ୍କୀ ଡାହାଣୀର ଲୁଗା । ସେଇ ପାଖ ଆଖରେ କୋଉଠି ସିଏ ନଚୁଥିବ । ତା' ଲୁଗାକୁ ଧରି ପକେଇଲେ ସିଏ ଗୋଡ଼େଇ ଆସିବ ।

ମୋ ଦଦାକା କଉଥିଲେ ସିଏ କୁଆଡ଼େ ବଣ ମଉଛବ କରିବାକୁ ଥରେ ଯାଇଥିଲେ । ଫେରୁ ଫେରୁ ରାତି ହେଇଗଲା । ଏଇ ପଡ଼ିଆ ପାଖରେ ଯେମିତି ହେଲେ ତାଙ୍କ ପେଟଟା କାଇଁକି ଗୋଟଲେଇ ଘାଣ୍ଟି ହେଲା । ଭୋଜନ ବେଶୀ କରି ଖାଇ ଦେଇଥିଲେ, ପେଟ ନ ହବ କେମିତି ? ଭାବିଲେ ଟିକେ ମଇଦାନ ବସି ଦେଇଗଲେ ପେଟଟା ପରିଷ୍କାର ହେଇଯିବ । ଦେହ ହାଲୁକା ନାଗିବ ।

ଯେମିତି ସିଏ ପଡ଼ିଆ ଆଡ଼କୁ ମୁହେଁଇଚନ୍ତି ଦେଖିଲେ ଗଛ ମୂଳରେ ଗୋଟେ ଡଉଲି ବେଡ଼ାଣ । ଚିହ୍ନି ପକେଇଲେ ଏଇଟା ମେଙ୍କୀ ଡାହାଣୀର । ସାଙ୍ଗେ ସାଙ୍ଗେ ବାଡ଼ି ଅଗରେ ଗୁଟେଉଇଲେ ସେ ବେଡ଼ାଣକୁ । ଆଉ ମଇଦାନ ବସିବେ କ'ଣ ଗୁଲିଲେ ଘରକୁ । କୋଉଠି ଥିଲା ମେଙ୍କୀ ଆସି ଦଦାକାଙ୍କ ବାଟ ଓଗାଳିଲା । ଦେ ମୋ ଲୁଗା ନ ଦେଲେ ଭଟେ ସଜ୍‌ଆଁ ଖାଇଯିବ । ଦଦାକା ଅନେଇଲେ, ତାଙ୍କ ଆଗରେ ଲଙ୍ଗଳା

Digitized by srujanika@gmail.com

ମାଇପିଟାଏ । ବାଳଯାକ ଠିଆ ମୁକୁଳା । ଦେହରେ କୋଉଠି ସୂତା ଖିଅଟାଏ ବି ନାହିଁ ।

ଦାନାକା କଇଲେ ଖାଆନ୍ତି କେମିତି ଖାଉଚୁ ? ଦାନାକା ବଡ଼ ଖାଆନ୍ତି । ତାଙ୍କ ଅଣ୍ଟାରେ ସବୁବେଳେ ବଡ଼ ଦାଆସିଲ । ବାହାର କଲେ ଦାଆସିଲ । କଇଲେ, ଦେଖିବୁ ଏଇଲେ ଦାଆସିଲ ମାରି ତୋ ବେଡ଼ାଣକୁ ଏଇଠି ଖାଟେଙ୍ଗ ଖାଟେଙ୍ଗ ପୋଡ଼ ପାଉଁଶ କରିଦେବ । ମେଙ୍କୀ ଡରିଗଲା ଦାନାକାଙ୍କ ଗୋଡ ତଳେ ପଡ଼ିଲା । ଦାନାକା ତା' ଉପରେ ଲୁଗାଟା ପକେଇ ଦେଇ ଘରକୁ ପଳେଇ ଆସିଲେ ।

ଆମେ ଯଦି ତା ପାଖକୁ ଯିବାନା ମେଙ୍କୀ ଯୋଉଠି ଥିବ ଉଧିଳକ ଆସି ପହଞ୍ଚିଯିବ । ମୋଡ଼ ପକେଇବ ଆମ ବେକକୁ । ସିଧା ସିଧା ଲୁଗାଟା ଗୋଡ଼ରେ ଉଠେଇ ଯଦି ହାତକୁ ଆଣି ପାରିବା ତେବେ ଚାଲି । ନ ହେଲେ ଟିକିଏ ନଇଁ ପଡ଼ିଲେ ସିଏ ବେକରେ ବସିଯିବ । ରକତ ଶୋଷି ଖାଇଯିବ । ନଖିଆ ଗୋଟାପଣେ ଥରିଲା । କଇଲା ଚାଲି ଝଅଟ ପଳେଇବା ଏଠୁ । ମେଙ୍କୀ ଡାଆଣୀ ଆସିଲେ ଆମ ଅବସ୍ଥା ସାରି ଦବ ।

ମୁଁ ତାକୁ କଇଲି ଆରେ ଯିବା କେମିତି ? ପଛ କଲେତ ମାଡ଼ି ଆସିବ । ଯିବା ଯଦି ପଛ ନ କରି ପଛେଇ ପଛେଇ ଚାଲିଯିବା । ଦେଖ୍ ଖବରଦାର୍ ପଡ଼ି ଗଲେନା ଆଉ ରକ୍ଷା ନାହିଁ । ଗୋଟାଛାଁ ଖାଇଯିବ ।

ସେ ଦିନ ବହୁତ କଷ୍ଟରେ ପଛେଇ ପଛେଇ ଆମେ ନଖିଆର ମୋର ଘରେ ପହଞ୍ଚିଲୁ । ଘରେ ପହଞ୍ଚିଲା ବେଳକୁ ଆମେ ଦିହେଁ ଝାଳରେ ଗାଧେଇଥିଲୁ ।

Digitized by srujanika@gmail.com

ରତନା କହିଲା—ତମେ ଗୁଡ଼ା କହୁଛ ଚିଛିଟିଆ । ଏତେ କଷ୍ଟ କରି ଗଲ ଯଦି ମେଙ୍କୀକି ସିନା ପାନେ ଦେଇ-ଥାଆନ୍ତ ? ତା ଲୁଗାଟାକୁ ଦଆସିଲ ମାରି ପୋଡ଼ି ଦେଇଥାଆନ୍ତ ଯାଇ ଥାଆନ୍ତା । ଏ ଗାଆଁରୁ ତା ବସା ଭାଙ୍ଗି ଯାଇଥାଆନ୍ତା । ନ ହେଲେ ଆଉ ଗୋଟେ କାମ କଲ ନେଇଁ ? ତମେ ପଳେଇ ଆଇଲ ଘରକୁ ସିଏ ଥିଲା ଘୁଅ ପଢ଼ିଆରେ ।

ଏତକି ବେଳଆ ତମେ କ'ଣ କରି ଥାଆନ୍ତ ନା ଗୋଟେ ପାଳ ଦଉଡ଼ା ଆଣି ତା ଘର ଆଗରେ ଲମ୍ବେ ଲମ୍ବେ ଶୋଇ ଦେଇ ଥାଆନ୍ତ । ସିଏ ଆଉ କେମିତି ତା ଘରକୁ ଯାଇ ଥାଆନ୍ତା ଦେଖି ଥାଆନ୍ତ । ମୋଟେ ଯାଇ ନ ଥାନ୍ତା । ସବୁ କରିବ ସିଏ, ପାଳ ଦୋଉଡ଼କୁ ମୋଟେ ଡେଇଁବ ନେଇଁ । ଡେଇଁଲେ ସେଇଠି ତା ମୁର୍ଦ୍ଧନା ଫାଟିଯିବ ଠୋକନ । ଜୀବନ ଚ୍ଛୁଲିଯିବ ତାର । ସେଇଠି ସକାଳ ଯାଏ ବସି ଥାଆନ୍ତା । ତମେ ବଗାଡ଼ି ଦେଲ । ଏ କଣ୍ଡ୍ରୀଟା ପରା କଅଣ ବୁଦ୍ଧିଆଟାଏ ।

କଣ୍ଡ୍ରୀ କହିଲା—ହଁ, ଭାରି କହିଲୁ ବାଲୀ ? ମୁଁ ଆଉ ନଖିଆ ବୋଲି ଏତେ ସାହସ କରି ଅନ୍ଧାର ରାତରେ ଗଲୁ । ତମେ କିଏ ଯାଇ ଥାଆନ୍ତନା ଆଗେ ?

ବୋଧିଆ କହିଲା— ଯାଇଥିଲ କି ମିଛରେ ତୁ ଫୁଟାଣି ଦେଖେଇ କହୁଚୁ କିଏ କାଣିଲା ?

ଏତକବେଳେ ଧରି ସଇଁ ହେଇ ପହଞ୍ଚିଲା ବାହାଲିଆ । ଭୟରେ ଆଖି ଦିଇଟା ବଡ଼ ବଡ଼ ଦିଶୁଥାଏ । ଛେପ ଗିଳି ଗିଳି ସିଏ କହିଲା—କଣ୍ଡୁରାଇ ! ତତେ ତୋ ବୋଉ ଡାକୁଚି । ତମ ନାଣ୍ଡୁଆକୁ ମେଙ୍କୀ ଡାହାଣୀ ମୋଡ଼ି

Digitized by srujanika@gmail.com

ଦେଇଛ । ସିଏ ଗୁର୍ଗିକି ପଢ଼ୁଛି । ଡାକିଲେ କିଛି କହୁନେଇଁ । ଖାଲି ବଡ଼ ବଡ଼ ଆଖି କାଢ଼ି ଡେଲ୍‌କା ଡେଲ୍‌କା ହୋଇ ଅନଉଁଛ । ତୁ ଦୋଉଡ଼ି ଆଇ ଟୋ ବୋଉ ଡାକୁଛ । ଟୋ ବାପା ତମ ମାଟିଆ ଡିପ ବଲକୁ ଯାଇଛ । ଯା ଝଅଟ ଯା ତାକୁ ଡାକି ଆଣିବୁ ।

ସମସ୍ତେ ଧାଇଁଲେ ଗାଆଁ ଭିତରକୁ । କସ୍ତୁରୀ ଗଲା ତା ବାପାକୁ ଡାକିବାକୁ ।

—ପାଞ୍ଚ—

ନାଣ୍ଡୁଆ ନଅ ଦଶ ବରଷର ପିଲାଟା । ତା ବୋଉ ତାକୁ କୋଲରେ ଧରି କାନ୍ଦୁଛ । ଗାଆଁ ଟୁଆ, ପିଲା, ମାଇପେ, ମରଦ ସମସ୍ତେ ଘେରିକି ଠିଆ ହେଇଚନ୍ତି ତାକୁ । କାଟ ପାଣି, ମନ୍ତ୍ରି ଲୁଣ, କିଛି କାମ ଦଉନେଇଁ । ନାଣ୍ଡୁଆ କେକେ ବାପା ଯାଇଚନ୍ତି ବେଲମାଳଆର ଗୁଣିଆ ନକଡ଼ି ପାଖକୁ । ତା ଆସିବା ବାଟକୁ ସମସ୍ତେ ଅନେଇ-ବଇଚନ୍ତି ।

ଭିଡ଼ ଭିତରୁ ଦନେଇ କଇଲା—ଏ ଗାଆଁରେ ଆଉ ରହିହବ ନେଇଁ । ଏ ମେଙ୍କୀ ଡାହାଣୀ କାହାକୁ ଆଉ ରଖେଇ ଦଉ ନେଇଁ । ସବୁଠି ନଜର ଗଲେଇ ଦଉଛ । ଗଲା ସନ ଦେଢ଼ ହଜାର ଟଙ୍କା ଦେଇ ଗୋଟେ ଫୋରମ ଗାଈ କିଣିଥିଲି । ବକତକୁ ଆଠ ସେର ଦୁଧ ଦଉଥିଲା । କୋଉ ଖଞ୍ଜରେ ଯାଇ ନଜର ପକେଇ ଦୁଧଯାକ ପିଇ ସଫା

Digitized by srujanika@gmail.com

କରି ଦେଲି । ଆଉ ଆଠ ପାଆ ବି ଦଉନେଇଁ । ଗାଈଟା ଦିନକୁ ଦିନ ଶୁଖିଯାଉଛି ।

କନ୍ହେଇ ଦନେଇଠୁ କଥା ଛଡ଼େଇ କହିଲା—ଆମ ସୋଦରୀ ଘରକୁ ଭୁିର ଦବା ପେଇଁ ମୋ ବୋଉ ଗଲା କୁଆଁର ପୁନେଇକି ଆଶରସା ପିଠା କରୁଥିଲା । କୋଉବାଟେ କେମିତି ମେଙ୍କୀର ନଜର ପଡ଼ିଲା । ଆଉ କ'ଣ ମୋଟେ ହେଲା । ଖାଲି ଖଣ୍ଡ ଖଣ୍ଡିଆ ହେଇ ଘିଅ କଡ଼େଇରେ ପହଁରିଲା । ଗୋଟେ ପିଠା ଭଲ ରହିଲା ନାହିଁ ।

ଚୌଧୁରୀ ବୁଢ଼ା କହିଲା—କରେ ଏତେ କଥା କ'ଣ କହୁଚ ? ଏଇଟାତ ସମସ୍ତେ ଆଖିରେ ଦେଖିବା କଥା । ଗଲା ସନ ଆମ ଗାଆଁ ପୋଖରୀରେ ମୁଁ ଗୃଳିଶ ହଜାର ରୋହୀ ଭୁକୁର ଜାଆଁଲ ଛାଡ଼ିଥିଲି । ଏସନ ଜାଲୁଆ ପକେଇ ମାଛ ମାରିଲା ବେଳକୁ ଗୋଟେ ନାହିଁ । ସବୁ ଗେଣ୍ଡା, କୋଶଆ । ସବୁ ସେଇ କଞ୍ଚା ଖାଇ ମେଙ୍କୀ ଡାହାଣୀର କାମ । ତା ନଜର ଭାରି ଖର ।

ଦନେଇ ପାଟି କରି ଉଠିଲା—ହେଇ ନକଢ଼ ଗୁଣିଆ ଆଇଲାଣି ।

ସମସ୍ତେ ଆଖି ଲମ୍ବେଇ ଦେଲେ ଦାଣ୍ଡ ଆଡ଼କୁ । ନକଢ଼ ଆସୁଚ ତା ପଛରେ ନାଣ୍ଡିଆ କେକେ ଧପାଲିଚଲ୍ଲ । ନକଢ଼ ଗୁଣିଆର ବାଳ କାନ୍ଧ ଉପରେ ପଡ଼ୁଚ । ବେକରେ ଲମ୍ବା ରୁଦ୍ରାକ୍ଷ ମାଳ । ମୁଣ୍ଡରେ ବେକରେ ସିନ୍ଦୁର କଳି । ବଡ଼ ବଡ଼ ନାଲି ଆଖି । କୁମ୍ଭାର ଚକ ପରି ଚାରି କଡ଼କୁ ବୁଲି ଯାଉଚ ।

Digitized by srujanika@gmail.com

ନକଡ଼ମିତ ଗୁଣିଆ ଏ ଖଣ୍ଡମଣ୍ଡଳରେ ନାହାଁନ୍ତି । ପ୍ରତିଦିନ ରାତିରେ ସିଏ ମଶାଣିକି ଯାଏ । ସେଠି, ଭୂତ, ପ୍ରେତ, ଡାହାଣୀ, ଚିରୁଗୁଣୀଙ୍କ ସାଙ୍ଗରେ କଥାବାର୍ତ୍ତା କରେ । ନକଡ଼ର ପୁଅପାତି କିଛି ନାହାଁନ୍ତି । ଏ ଗୁଣିବିଦ୍ୟା ଯିଏ କରିବ ତାର କେହି ରହିବେ ନାହିଁ ।

ନକଡ଼ର ବାଆଁ ହାତ ଉପରେ ଅନେକ କଟା ଦାଗ । ନିତି ମଶାଣି ସାଧନା କଲାବେଳେ ସିଏ ମଶାଣି ଚଣ୍ଡୀଙ୍କି ରକ୍ତ ବଳୀ ଦିଏ । ନ ହେଲେ ମଶାଣି ଚଣ୍ଡୀ ତା ବେକ ମୋଡ଼ି ରକ୍ତ ପିଇ ଯାଆନ୍ତେ ।

ନକଡ଼ର ଅନେକ ଶକ୍ତି । ସିଏ ମନ୍ତ୍ର ବଳରେ ଗଛ ଚଳେଇ ଦିଏ । ଭୂତ ପ୍ରେତଙ୍କ ସାଙ୍ଗରେ ଘଣ୍ଟା ଘଣ୍ଟା କଥା ବାର୍ତ୍ତା କରେ । ଡାହାଣୀମାନଙ୍କୁ ଗାଆରୁ ଗଛ ଭିତରେ ପୂରାଇ କଣ୍ଟା ପିଟିଦିଏ ।

ନକଡ଼ ଆସିଲା । ନାଣ୍ଡୁଆକୁ ଖଞ୍ଜା ଦୂଆରକୁ ଅଣା-ଗଲା । ତଳେ ଶୁଆଇ ଦିଆଗଲା । ନାଣ୍ଡୁଆ କେବଳ କଟମଟକି ଚାହିଁଚି କିଛି କହୁ ନାହିଁ । ସିଏ ଯେତେ ଯାହା ପଚାରିଲେ ଶୁଣୁନାହିଁ । ବେକ ଭାଙ୍ଗି ପଡ଼ୁଚି । କାହାକୁ ଚିହ୍ନୁ ନାହିଁ ।

ନକଡ଼ ମାଗିଲା ମୁଠେ ସୋରିଷ ଆଣ । ସାଙ୍ଗେ ସାଙ୍ଗେ ସୋରିଷ ଦିଆଗଲା । ସୋରିଷକୁ ଧରି ଅନେକ ସମୟ ଯାଏ ମନ୍ତ୍ର ପଢ଼ିଲା ନକଡ଼ । ଲୋକମାନଙ୍କୁ ଦୂରକୁ ଆଡ଼େଇ ଦେଲା । ଚାରି ଦିଗକୁ ଚାରି ମୁଠା ସୋରିଷ ଫୋପାଡ଼ି ଦେଲା । ତା ପରେ ନାଣ୍ଡୁଆ ପାଖକୁ ଗଲା । ତା ଚାରିକଡ଼ଯାକ ବୁଲି ବୁଲି

Digitized by srujanika@gmail.com

ତାକୁ ଦେଖିଲା । ଦେଖି ସାଉ ହସିଲା । ତା ହସଟା ଖୁବ୍ ବିକଟାଳ ଥିଲା ।

ମନ୍ତ୍ର ପଢ଼ି ମୁଠେ ସୋରିଷ ନାଣ୍ଡୁଆର ମୁହଁକୁ ଫୋପାଡ଼ି ଦେଲା । ନାଣ୍ଡୁଆ ସେମିତ ଭେଲକା ହୋଇ ଚାହିଁଥାଏ । ନକଡ଼ ଗର୍ଜନ କଲା—ତୁ କିଏ କହ । କାହା

ସାହାଯ୍ୟରେ ତୁ ଏ ଗାଆଁ ଭିତରେ ପଶିଲୁ ? କହିବୁ ନାହିଁ ? ମୁଁ ଜାଣେ ତୁ ସହଜରେ କହିବୁ ନାହିଁ । ତୋ ନାକରେ ଲଙ୍କା ମରିଚ ଧୂଆଁ ନ ଦେଲେ ତୁ କହିବୁ ନାହିଁ ନା ?

ନକଡ଼ର ବରାଦ ଅନୁସାରେ ନାଣ୍ଡୁଆକୁ ଗୋଟେ ଘର ଭିତରକୁ ନିଆଗଲା । ଘରର ଝରକା କବାଟ ସବୁ ବନ୍ଦ କରି ଦିଆଗଲା । ଗୋଟେ ଖପରରେ ରଡ଼ ନିଆଁ ଢଳାଯାଇ ତା ଉପରେ ଶୁଖିଲା ଲଙ୍କା ପକାଇ ଦିଆଗଲା । ଲଙ୍କା ଧୂଆଁର

Digitized by srujanika@gmail.com

ଗନ୍ଧରେ ସେଠି କେହି ରହି ପାରିଲେ ନାହିଁ । ନାଣ୍ଟୁଆ ଛଟପଟ ହେଇ ଉଠିଲା ।

ନକଡ଼ ଚିତ୍କାର କଲା—କହ ଏଥର ତୁ କିଏ ଆସିଛୁ ? କାହିଁକି ଆସିଛୁ ? କିନ୍ତୁ ନାଣ୍ଟୁଆ କିଛି ନକହି ସକ୍ ସକ୍ ହୋଇ କାନ୍ଦିଲା । ତା ଆଖିରୁ, ନାକରୁ ଲଙ୍କାଧୂଆଁ ଯୋଗୁଁ ପାଣି ବୋହିଲା ।

ବେତରେ ନାଣ୍ଟୁଆକୁ ଦି ପାହାର ପିଟିଲା ନକଡ଼ି । ନାଣ୍ଟିଆ ବାପା ଲୋ, ବୋଉ ଲୋ ବୋଉ ରଡ଼ି ଛାଡ଼ିଲା । ଆଉ କିଛି କହିଲା ନାହିଁ । ଲଙ୍କାଧୂଆଁ ବନ୍ଦକରି ଦିଆଗଲା । ନାଣ୍ଟୁଆ କିଛି କହୁନାହିଁ । ସେମିତି ଭେଲକା ହୋଇ ଅନେଇଛି ।

ନକଡ଼ି ବଡ଼ ବଡ଼ ଆଖି କାଢ଼ି ସମସ୍ତଙ୍କୁ ଅନେଇ କହିଲା—ଏ ହେଉଛି ମେଙ୍କୀ ଡାହାଣୀର କାମ । ସେଇ ମୋଡ଼ି ଦେଇଛି ଛୁଆଟାକୁ । ତାକୁ ଏ ଗାଆଁରୁ ନିକାଲିବାକୁ ପଡ଼ିବ । ଅଣ୍ଟାରୁ ଗୋଟେ ଛୋଟ ଶିଶିଟାଏ ବାହାର କଲା ନକଡ଼ି । ସେଇଟାକୁ ଦେଖାଇ କହିଲା ଏଇ ଯେଉଁ ଛୋଟ ଶିଶି ଦେଖୁଛ ଯା ଭିତରେ ମେଙ୍କୀ ଡାହାଣୀକୁ ପୂରେଇ ଖରସ୍ରୁଆଁ ନଈ ପାଣିକୁ ପକେଇ ଦେବି । ସବୁଦିନ ସେଇଠି ପଡ଼ି ଛଟପଟ ହଉଥିବ । ଏମିତି କେତେ ଡାହାଣୀକୁ ମୁଁ ଶିଶିରେ ପୂରେଇ ନଈରେ ପକେଇ ଦେଇଛି ।

—ଛଅ—

ନକଡ଼ ଶିଶିଟାକୁ ହାତରେ ଧରି ଚାଲିଲା ମେଙ୍କୀ ଡାହାଣୀ ଘର ଆଡ଼କୁ । ତା ପଛେ ପଛେ ସମସ୍ତେ ଚାଲିଲେ ।

Digitized by srujanika@gmail.com

ମେଙ୍ଗୀର ଘର ଆଗରେ ନକଡ଼ି ଠିଆ ହୋଇ ଗର୍ଜନ ଛାଡ଼ିଲା ବାହାରିଆ ମେଙ୍ଗୀ ଡାହାଣୀ । ଆଜ ମୋ ହାତରୁ ତୋର ନିସ୍ତାର ନାହିଁ । ମୁଁ ଏ ପଞ୍ଚଶ ଖଣ୍ଡ ଗାଆଁର ଡାହାଣୀ, ଚିରୁଗୁଣୀ, ଭୂତ, ପ୍ରେତମାନଙ୍କୁ କାଠି ଅଗରେ ନଚେଇଚି । ତୁ ମୋ ଆଗରେ କି ଛାର ।



ମେଙ୍ଗୀ ନକଡ଼ିର ଏ କାନ ଫଟା ଗର୍ଜନ ଶୁଣି ପଦାକୁ ଆସି ଛାଟକା ହେଇଗଲା । ଗାଆଁ ଯାକର ପିଲା, ବୁଢ଼ା ମାଇପେ ସମସ୍ତେ ତା ଘର ଆଗରେ ଠିଆ ହୋଇଛନ୍ତି । ନକଡି ଗୁଣିଆ ତା ନାଆଁ ଧରି କ'ଣ ମନ୍ତର ପଢ଼ି କି ଗର୍ଜନ କରୁଚି—ବାହାରିଆ, ବାହାରିଆ ।

ମେଙ୍ଗୀର ରାଗ ପଞ୍ଚମକୁ ଉଠିଗଲା । ସିଏ ଲୁଗାକାନିଟା ଅଣ୍ଟାରେ ଗୁଡ଼େଇ ପକେଇ କୁହାଟିଲା—ତତେ ମୁଁ

Digitized by srujanika@gmail.com

ଚର୍ଦ୍ଧି ଚରେ ଅଲପେପିଆ । ତୋ ମିତ୍ରଆ କେତେ ଗୁଣିଆଁଙ୍କୁ ମୁଁ ଦେଖିଚ । ଲୋକଙ୍କ ଆଖିରେ ଭେଳକ ଲଗେଇ ଭଣ୍ଡି କ ଖାଉଚନ୍ତ । ସେଇଥି ପେଇଁ ତୋ କୂଳ ମୂଳରେ କେହ୍ନ ନାହାଁ । ତୁଣ୍ଟା ମୋର କ'ଣ କରିବୁ ରେ ? ଯାଉଚ୍ନା ମୋ ଘର ଆଗରୁ, ଏଇଲେ ଦେଖିବୁ ? ଖଣ୍ଡିଆ ଛାଞ୍ଚୁଣୀରେ ପିଟି ପିଟି ତୋ ପିଠରୁ ଛାଲ ଉତାରି ଦେବ ।

ନକଡ଼ ସହଜରେ ଛାଡବା ଲୋକ ନୂହଁ । ମୁଣ୍ଡର ଲମ୍ବା ଲମ୍ବା ବାଲକୁ ଆଗକୁ ପକେଇ ବେଢ ବୁଲେଇ ନାଚଲ୍ । କୁହାଟିକି କହ୍ନଲ୍- ଖବରଦାର ମେଙ୍କୀ, ମୁହଁ ସମାଳ କଥା କହ । ମୁଁ ମହା ମହା ବଦ୍‌ମାସ୍ ଡାହାଣୀମାନଙ୍କୁ ସାବାଡ଼ କରି ଦେଇଚ । ଅନା ଏଇ ଶିଶକୁ । ଯଦି ତୁ ଭଲରେ ଏ ଗାଆଁ ଛାଡ଼ି ନଯାଉ ତେବେ ଏ ଶିଶିରେ ପୂରେଇ ଉଠେଇ ନେଇ ଖରସୂଆଁ ପାଣିରେ ପକେଇ ଦେବ ।

ମେଙ୍କୀ କହ୍ନଲ୍—ମତେ ତୁ କ'ଣ ବୋଲି ପାଇଚୁ କରେ ? ତୁ କିଏ ମୋତେ ଡାହାଣୀ କହିବୁ ? ମୁଁ ଡାହାଣୀ ବୋଲି ତୁ କେମିତି ଜାଣିଲୁ ? ଦୁନିଆ ଲୋକଙ୍କୁ ଡାହାଣୀ ଚରୁଗୁଣି ଘୁଅଚରୀ କହି ତୋ ବେଉସା ଚଲେଇଚୁ । ହାତ ଚକ୍‌କଣ କରୁଚୁ ?

ନକଡ଼ କହ୍ନଲ୍—ମୁଁ କ'ଣ ଏକୁଟିଆ ଉଠେ ଡାହାଣୀ ବୋଲି କହୁଚ ? ଏ ପଚିଶ ଖଣ୍ଡ ଗାଆଁର ସବୁଲୋକ କହୁଛନ୍ତ ।

ନକଡ଼ ରୁଣ୍ଡ ହୋଇଥିବା ଲୋକମାନଙ୍କୁ ଅନେଇଁଲ୍ । ସମସ୍ତେ ନିରବରେ ଠିଆ ହୋଇଚନ୍ତ । ନକଡ଼ ପୁଣି ଗର୍ଜନ

Digitized by srujanika@gmail.com

କରି କହିଲି—ଆଜ ମୁଁ ପ୍ରମାଣ କରି ଦଉଚି ତୁ ଡାହାଣୀ, ଘୁଅଚରୀ ବୋଲି । ମୋ କଥା ଆପଣମାନେ ସମସ୍ତେ ଶୁଣନ୍ତୁ । ମୁଁ ଆଜ ଯଦି ଏ କଥା ପ୍ରମାଣ କରି ଦେଇ ନପାରେ ତେବେ ଆଜଠୁ ମୁଁ ଏ ଗୁଣି ବିଦ୍ୟା ଛାଡ଼ି ଚାଷକରିବି । ମୁଁ ଆଜ ମନ୍ତ୍ର କରିବି । ଯଦି ତୁ ଡାହାଣୀ ନହୋଇ ଥିବୁ ତେବେ ତୋ ଦୁଆର ମୁହଁରେ ଗୋଟେ କଳା ତୁଳସୀ ଗଛ ଉଠିବ । ଆଉ ଯଦି ତୁ ଡାହାଣୀ ହୋଇଥିବୁ ତେବେ ତୋ ଦୁଆର ମୁହଁରେ ଗୋଟେ ବନ୍ଧୁଆତ ଗଛ ଉଠିବ ।

ମେଙ୍କୀ କହିଲା—ଯା, ଯା, ମୁଁ କେତେ ଗୁଣିଆ ଦେଖିଚି ।

ନକଡ଼ି ପଛେ ପଛେ ସମସ୍ତେ ଫେରିଲେ । ନକଡ଼ି କହିଲା—ଆଜ ରାତିରେ ମେଙ୍କୀକୁ ମୁଁ ସାବାଡ଼ କରିବି । ତାପରେ ମନକୁ ମନ ସେ ପଳା କାଲି ସକାଳକୁ ଭଲ ହୋଇ ଯାଇଥିବ ।

ସେ ଦିନ ନକଡ଼ି ଗୋଟେ ଘର ଭିତରେ ପଶି ରହିଲା । ତା ବିଧି ଅନୁସାରେ ଫୁଲ, ସିନ୍ଦୁର, ଦୁଧ, ଘିଅ, କଦଳୀ, ନଡ଼ିଆ, ଛେନା, ମହୁ, ମିଶ୍ରି ଇତ୍ୟାଦି ତାର ମନ୍ତ୍ର ପାଇଁ ଯାହା ସବୁ ଦରକାର ତାକୁ ଦିଆଗଲା ।

ସେ ରାତି ସାରା ଶୋଇନାହିଁ ମେଙ୍କୀ । ତାକୁ ଡାହାଣୀ, ଘୁଅଚରୀ ବୋଲି ସମସ୍ତେ ଚଡ଼ାନ୍ତି । ତା ସାଙ୍ଗରେ କେହି କଥାବାର୍ତ୍ତା କରନ୍ତି ନାହିଁ । କାହାରି ଘରକୁ ପୂରେଇ ଦିଅନ୍ତି ନାହିଁ । ଦାଣ୍ଡ କୂଅର ଯୋଉ କଣରୁ ସିଏ ପାଣି କାଢ଼େ ସେ କଣଟା ସବୁବେଳେ ଫାଙ୍କା । ପୋଖରୀର ଯୋଉ

Digitized by srujanika@gmail.com

ତୁଠରେ ସିଏ ଗାଧାଏ ସେଠିକି ଆଉ କେହି ଯାଆନ୍ତି ନାହିଁ । ଛୁଆ ପିଲାଙ୍କୁ ତା ନଜର ପଡ଼ିଯିବ ବୋଲି ଲୁଗା କାନିରେ ଘୋଡ଼େଇ ପକାନ୍ତି ।

ଏତେ ବଡ଼ ଗାଆଁଟାରେ ତାକୁ କେହି ଦେଖି ପାରନ୍ତି ନାହିଁ । ଗାଆଁ ଭିତରେ ଥାଇବି ବଣଟାରେ ରହିଲା ପରି ତା ଗୁହିରିକଡ଼ ଗାଁ । ଚନ୍ଦ୍ରୂର ସାହୁ କଥା ଆଜି ତା ମନରେ ଘାଣ୍ଟି ହଉଚି । ସିଏଥିଲା ପଚିଶ ଖଣ୍ଡ ଗାଆଁରେ ସବୁଠୁ ମଜଭୁତ୍ ମଣିଷ । ସିଏ ଥିଲେ ଏ ଲୋକମାନେ ଏତେ ହୀନସ୍ତା କରନ୍ତେ ?

ମେଙ୍କୀ ଶୋଇକି ଭାବୁ ଭାବୁ ତା ମୁଣ୍ଡକୁ ଗୋଟେ ବୁଦ୍ଧି ଦିଶିଲା । ଏ ଗୁଣିଆ ଫୁଣିଆ କିଛି ନାହିଁ । ନକଡ଼ିର ସବୁ ଢ଼ମ କଥା ସିଏ ବହୁତ ଆଗରୁ ଜାଣିଚି । ମନ୍ତର କରି ସିଏ କୁଆଡ଼େ ମୋ ଦୁଆରେ ବଢୁଥିବା ଗଛ ଉଠେଇଦବ ? ସବୁ ମିଛ ।

ମୋ ଜୀବନରେ ଏଇଟା ଗୋଟେ ମୋଉକା ଜୁଟିଚି ଯାକୁ ହାତଛଡ଼ା କଲେ ଆଉ ମିଳିବ ନେଇଁ । ମୁଁ ଯଦି ଗୋଟେ କଳା ତୁଳସୀ ଗଛ କୋଉଠୁ ଆଣି ଦୁଆରେ ଲଗେଇ ଦିଏ, ତେବେ ପ୍ରମାଣ ହେଇଯିବ ମୁଁ ଡାହାଣୀ ନୁହେଁ । ସବୁଦିନ ପାଇଁ ଲୋକମାନଙ୍କ ମୁହଁ ବନ୍ଦ ହେଇଯିବ । ମୁଁ ପୁଣି ସମସ୍ତଙ୍କ ଘରକୁ ଯାଇ ପାରିବି । ସମସ୍ତଙ୍କ ସାଙ୍ଗରେ ମିଶି ଚଳିବି । ମତେ ଆଉ ଡାହାଣୀ ବୋଲି କେହି ଡରିବେ ନାହିଁ ।

କଳା ବେଢ଼ାଣଟା ଅଲଣୀରୁ ଆଣି ପିନ୍ଧି ପକେଇଲା ମେଙ୍କୀ । ଆସ୍ତେ ଆସ୍ତେ କବାଟ ଖୋଲିଲା । ପଦାକୁ ଆସିଲା ।

Digitized by srujanika@gmail.com

ବାହାରେ କଟିମଟିଆ ଅନ୍ଧାର । ଖୁବ୍ ଡର ମାଡୁଛି । ଛାତିକୁ ପଥର କଲା । ଜୀବନକୁ ପାଣି ଛଡ଼େଇ ଦୋଷା ଆଡ଼କୁ ଚାଲିଲା । ଗାଆଁ ପୋଖରୀ ହୁଡ଼ାରେ ଅଛି କଳା ତୁଳସୀ ଗଛ । ଦୋଷା ଡେଇଁଲେ ଗାଆଁ ପୋଖରୀ ।

ନକଡ଼ିକୁ ନିଦ ନାହିଁ । ସିଏ ଜାଣେ ମେଙ୍କୀ ଡାହାଣୀ ଆଜି ନିଶ୍ଚୟ ପଦାକୁ ବାହାରିବ । ଡାହାଣୀ ନୁହଁ ବୋଲି ନିଜକୁ ପ୍ରମାଣ କରିବାକୁ ସିଏ କଳା ତୁଳସୀ ଗଛ ଖୋଜିବ । ଆଉ ଯଦି ନପାଏ । ତେବେ ସବୁ ଭଣ୍ଡୁର ହୋଇଯିବ । ତା ଦୁଆର ମୁହଁରେ ଗୋଟେ ବଛୁଆତି ଗଛ ଆଣି ପୋତି ଦେବାକୁ ପଡ଼ିବ ।

ନକଡ଼ି ଉଠିଲା । ଅନ୍ଧାରରେ ଗୋଡ଼ ଚିପି ଚିପି ବାହାରକୁ ଆସିଲା । ମେଙ୍କୀ ଦୁଆର ମୁହଁରେ ପହରା ଦେଲା । ଘଣ୍ଟେ ଗଲା । ଦି ଘଣ୍ଟା ଗଲା । ରାତି ଆଉ ଦି ଘଡ଼ି ଅଛି କି'ଣ ଗୋଟେ କଳା ହୋଇ ମେଙ୍କୀ ଘର ଭିତରୁ ବାହାରୁ ଥିବାର ଦେଖିଲା ନକଡ଼ି । ଗୋଟେ କଡ଼କୁ ଲୁଚିଗଲା । କଳା ଲୁଗା ପିନ୍ଧି ମେଙ୍କୀ ଯାଉଛି ତୁଳସୀ ଗଛ ଖୋଜିବାକୁ ।

ନକଡ଼ି ଚଟାପଟ ମେଙ୍କୀ ଦୁଆର ମୁହଁରେ ଗୋଟେ ବଛୁଆତି ଗଛ ପୋତିଦେଲା । ଗାଆଁର ଲୋକମାନଙ୍କୁ ନିଦରୁ ଉଠେଇ ଆଣି ମେଙ୍କୀ ଘର ଆଗରେ ଠିଆ କରାଇ ଦେଲା । ବଛୁଆତି ଗଛ ଦେଖି ସମସ୍ତେ ଛାଟକା ହୋଇ ଗଲେ । ନକଡ଼ିର କରାମତିକୁ ବାହାବା କଲେ ।

ନକଡ଼ି ବୁଝେଇଲା— ମେଙ୍କୀ ଡାହାଣୀ ଏଇଲେ ଯାଇଛି ଘୁରି ଚରିବାକୁ । ତୁମେମାନେ ସବୁ ତା ଘର ଚାରିପଟ ଜଗି ରୁହ । କେତେବେଳେ ଆସୁଛି ଦେଖିବ ।

Digitized by srujanika@gmail.com

ଗାଆଁ ଯାକ ଲୋକ ଉଠିଆସିଲେ ମେଙ୍କୀ ଘର ପାଖକୁ । ରାତ୍ର ପାହାନ୍ତାଟାରେ ଲୋକଙ୍କ ପାଟି ତୁଣ୍ଡରେ ଗାଆଁଟା କମ୍ପି ଗଲା ।

ମେଙ୍କୀ ତୁଳସୀ ଗଛଟେ ଧରି ଏକଡ଼ ସେକଡ଼ ହେଉଚି । ତା ଘରକୁ ସିଏ ଯିବ କେମିତି ? ଏତେ ଲୋକ ତା ଘର ଗୁରିପଟରେ ! ଏ ସବୁ ସେଇ ନକଡ଼ ଗୁଣିଆର କାମ ।

ଏତିକବେଳେ କାହାର ଗୋଟେ ନଜର ପଡ଼ିଗଲା ମେଙ୍କୀ ଡାହାଣୀ ଉପରେ । ମାଡ଼ ଆସିଲେ ଗାଆଁଟା ସାରା ଲୋକ । ହେଇରେ ଘୁଅ ଚରି ମେଙ୍କୀ ଡାହାଣୀ କହି ତାକୁ ଗୋଡ଼େଇଲେ । ସିଏ ବକଲ ନହୋଇ ଯେତେ ଯାହା କହିଲେ ବି ତା କଥା କେହି ଶୁଣିଲେ ନାହିଁ । ତାକୁ ପିଟି ପିଟି ମାରି ପକେଇଲେ ।

ମେଙ୍କୀ ଡାହାଣୀର ମଲା ଦେହଟାକୁ ଘୋଷାରି ଘୋଷାରି ଗାଆଁ ଦାଣ୍ଡକୁ ଆଣିଲେ । ନକଡ଼ ଗର୍ବରେ ଛାତି ଫୁଲାଇ ଠିଆ ହୋଇଥାଏ । ଗାଆଁ ଲୋକମାନେ ମେଙ୍କୀ ଡାହାଣୀର ଗୁରିକଡ଼ ଘେରି ଦେଖୁଥାଆନ୍ତି । ଅନେକବେଳୁ ସକାଳ ହୋଇ ସାରିଥିଲା ।

—ଆଠ—

ଖବର ପାଇ ଥାନାରୁ ଦାରୁଗାବାବୁ ଆସିଲେ । ମେଙ୍କୀକୁ ପିଟି ପିଟି ମାରିଥିବା ଲୋକମାନଙ୍କୁ ଗିରଫକଲେ । ନକଡ଼ି ଗୁଣିଆକୁ ମଧ୍ୟ ଗିରଫ କଲେ ।

ଥାନାରେ ଦାରୁଗାବାବୁ ସବୁ କଥା ପଚାରି ବୁଝିଲେ । ଡାହାଣୀ ଭାବି ଗୋଟେ ଲୋକକୁ ପିଟି ପିଟି ମାରି ଦେବା

Digitized by srujanika@gmail.com

କେଡ଼େ ଖରାପ କାମ ! ନକଡ଼ିକୁ ଧମକ ଚମକ କଲାପରେ ସିଏ ସବୁ ମାନଗଲା ।.



ଏମିତି ମିଛରେ ଭେଳକି ଲଗେଇ ଦି'ପଇସା ରୋଜଗାର କରିବା ତା'ର ବେଉସା । ଲୋକମାନଙ୍କ ମନରେ ଭୂତ, ଡାହାଣୀ, ଚିରୁଗୁଣୀ, ପିତାଶୁଣୀ ପ୍ରଭୃତି ବିଶ୍ୱାସ ନ ଜନ୍ମେଇଲେ ତା' ପେଟ ଅପୋଷା ରହିବ । କାହାକୁ ମନ୍ତ୍ରା ଲୁଣ ଦେଇ, କାହାକୁ କାଠପାଣି ଦେଇ ଆଉ କାହାଠୁ ଭୂତ ଆଉ ଡାହାଣୀ ଛଡ଼ାଇବାର ଫିକର ନ କଲେ କିଏ କାହିଁକି ଦି'ପଇସା ଦେବ ?

ଗାଆଁ ଲୋକମାନେ ନକଡ଼ି ଗୁଣିଆଁ କଥା ଶୁଣି ଅବାକ ହୋଇଗଲେ । ସେମାନଙ୍କ ମୁହଁ ଲାଜରେ ତଳକୁ ହୋଇଗଲା । ଦଳେଇଁ ପଚାରିଲା, ଇଏତ ସବୁ ମିଛ ବୋଲି ନକଡ଼ି ତୁ କହୁଚୁ ଆଉ ମେଙ୍କୀ ଦୁଆରେ ବଳୁଆଡ଼ ଗଛ

Digitized by srujanika@gmail.com

ଉଠିବା କଥା କ'ଣ ମିଛ ? ସିଏ କାଲି ଗାଡ଼ିରେ ଘୁଅ ଚରି ଯିବା କଥା କ'ଣ ମିଛ ? ଆମେ ତ ଏସବୁ ଏତେ ଲୋକ ନିଜ ଆଖିରେ ଦେଖିଚୁ ।

ନକଡ଼ି କହିଲା—ସବୁ ମିଛ । ମେଙ୍କୀ ଘର ଦୁଆର ମୁହଁରେ ମୁଁ ପୋତିଚି ବଳୁଆଡ଼ି ଗଛ । ମେଙ୍କୀ ଯାଇଥିଲା ତୁଳସୀ ଗଛଟେ ଗାଆଁ ପୋଖରୀ ହୁଡ଼ାରୁ ଆଣି ତା ଦୁଆରେ ଲଗାଇବାକୁ । ଘୁଅ ଚରିବାକୁ ସିଏ ଯାଇ ନ ଥିଲା ।

ଲୋକମାନେ ସେମାନଙ୍କର ଭୁଲ ବୁଝିପାରିଲେ । ଏତିକବେଳେ ନାଣ୍ଡୁଆ ମାଆ କାନ୍ଦି କାନ୍ଦି ଆସି ପହଞ୍ଚିଲା । ଦାରୁଗା ବାବୁଙ୍କ ଗୋଡ଼ଧରି ନେହୁରା ହେଲା—ବାବୁ ମୋ ପୁଅକୁ ବଞ୍ଚାନ୍ତୁ । ନକଡ଼ି ଗୁଣିଆଁକୁ ଛାଡ଼ି ଦିଅ ସିଏ ମୋ ପୁଅକୁ ଭଲ କରି ଦେଉ । ମେଙ୍କୀ ଡାହାଣୀ କାଲିଠୁ ତାକୁ ଆଳକା କରି ପକେଇଚି । ସିଏ ତଙ୍କ ମୋଡ଼ି ପଡ଼ିଚି ।

ଦାରୁଗା ଗାଆଁ ଲୋକଙ୍କଠୁ କଥାଟା ବୁଝିଲେ । ନାଣ୍ଡୁଆ ମାଆକୁ କହିଲେ—ତମେ ବ୍ୟସ୍ତ ହୁଅନା । ମୁଁ ଡାକ୍ତରବାବୁଙ୍କୁ ଖବର ଦଉଚି । ସିଏ ତୁମ ପୁଅକୁ ଭଲ କରିଦେବେ । ଡାହାଣୀ, ଭୂତ, ପ୍ରେତ ଏ ସବୁ ମିଛ କଥା । ତୁମ ପୁଅକୁ କ'ଣ ରୋଗ ହୋଇଚି, ଡାକ୍ତରବାବୁ ଔଷଧ ଦେଲେ ତୁମ ପୁଅ ଭଲ ହୋଇଯିବ ।

ଡାକ୍ତରବାବୁ ଯାଇ ନାଣ୍ଡୁଆକୁ ଦେଖିଲେ । ପରୀକ୍ଷା କଲେ । କହିଲେ ଏ ପିଲାକୁ ଅପସ୍ମାର ରୋଗ ହୋଇଚି । ନିୟମିତ ଚିକିତ୍ସା କଲେ ଭଲ ହୋଇଯିବ । ଡାହାଣୀ କି ଭୂତ ଲାଗିବା କଥା ମିଛ ।

Digitized by srujanika@gmail.com

ନାଣ୍ଟୁଆକୁ ଡାକ୍ତରଖାନା ନିଆଗଲା । ଆଠ ଦିନ ଭିତରେ ନାଣ୍ଟୁଆ ଭଲ ହୋଇ ଘରକୁ ଫେରିଲା । ନାଣ୍ଟୁଆ ଦି ବରଷ ପର୍ଯ୍ୟନ୍ତ ଔଷଧ ଖାଇବ ଓ ଚିକିତ୍ସାରେ ରହିବ ବୋଲି ଡାକ୍ତର କହିଲେ ।

ଡାକ୍ତର ସେ ଗାଆଁକୁ ଆସି ଗୋଟିଏ ସଭା କଲେ । ଲୋକମାନଙ୍କୁ କହିଲେ, ଦେଖନ୍ତୁ, ଆପଣମାନେ ଅନ୍ଧବିଶ୍ବାସ ଛାଡ଼ନ୍ତୁ । ରୋଗ ହେଲେ ଡାକ୍ତରଖାନା ଯାଇ ତାର ଚିକିତ୍ସା କରାନ୍ତୁ । ଗୁଣିଆମାନେ ରୋଗର ଚିକିତ୍ସା ଜାଣନ୍ତି ନାହିଁ ।

ଡାହାଣୀ, ଭୂତ, ପ୍ରେତ କଥା କହି ଲୋକମାନଙ୍କୁ ଡରାଇ ଦିଅନ୍ତି । ଔଷଧ ନଦେଇ ମନ୍ତ୍ର, କାଠପାଣି, ମନ୍ତ୍ର ଧୂଳି ଆଦି ଦେଇ ଆପଣମାନଙ୍କୁ ଭୁଲାଇ ଦିଅନ୍ତି । ଟଙ୍କା ଷୋଷି ନିଅନ୍ତି । ଠିକ୍ ସମୟରେ ରୋଗର ଚିକିତ୍ସା ନ ହୋଇ ପାରିଲେ ରୋଗ ବଢ଼ି ଚାଲେ । ଶେଷରେ ଏମିତି ଅବସ୍ଥା ଆସି ପହଞ୍ଚେ ଯେ ସେ ରୋଗ ଆଉ ଭଲ ହୁଏ ନାହିଁ ।

ଲୋକମାନେ ଡାକ୍ତର ବାବୁଙ୍କ କଥା ଶୁଣିଲେ । ତାଙ୍କ ମନକୁ ଡାକ୍ତର ବାବୁଙ୍କ କଥାଟା ପାଇଲା । ସେମାନେ ମନେ ମନେ ଠିକ୍ କଲେ ଯେ ସବୁ ରୋଗର ଏଣିକି ଡାକ୍ତରି ଚିକିତ୍ସା କରାଇବେ । ଠକ ଗୁଣିଆମାନଙ୍କ ପାଖକୁ ଗଲେ ବିପଦ ।

— — — —

Digitized by srujanika@gmail.com